# NATIONAL NEWS BULLETIN (ODIA)

**01 October - 2023**

**Mid Bulletin : 1.50 p.m.**

- ଦେଶବ୍ୟାପୀ ଆଜି ଅନୁଷ୍ଠିତ ହୋଇଥିବା ସ୍ୱଚ୍ଛତା ମହାଅଭିଯାନ 'ଏକ ତାରିଖ–ଏକ ଘଣ୍ଟା–ଏକ ସାଥ୍'କୁ ସଫଳ କଲେ ସମାଜର ବିଭିନ୍ନ ବର୍ଗର ଜନସାଧାରଣ।

- ଆଜିର ମହାଅଭିଯାନରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ଉଭୟ ସ୍ୱଚ୍ଛତା ଏବଂ ସୁସ୍ଥ ଭାରତର ପ୍ରତିଫଳନ।

- ପ୍ରଧାନମନ୍ତ୍ରୀ ଆଜି ତେଲଙ୍ଗାନା ଗସ୍ତରେ ଯାଇ କରିବେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ

- ମାଳଦ୍ୱୀପର ନବନିର୍ବାଚିତ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

ଏବଂ

- ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଆଉ ଏକ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ସହ ଭାରତର ମୋଟ୍ ପଦକ ସଂଖ୍ୟା ୪୧କୁ ବୃଦ୍ଧି ପାଇଛି।

## ସ୍ୱଚ୍ଛତା–ଏକ ଘଣ୍ଟା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଆଜି ଦେଶବ୍ୟାପୀ ଅନୁଷ୍ଠିତ ହୋଇଥିବା ସ୍ୱଚ୍ଛତା ମହା ଅଭିଯାନ 'ଏକ ତାରିଖ-ଏକ ଘଣ୍ଟା-ଏକ ସାଥ୍'ରେ ଜନସାଧାରଣ ଅଂଶଗ୍ରହଣ କରି ଏହାକୁ ସଫଳ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନିଜେ ମଧ୍ୟ ଆଜିର ମହାଅଭିଯାନରେ

ସାମିଲ ହୋଇଛନ୍ତି । ଏ ସମ୍ପର୍କିତ ଏକ ଭିଡିଓ ସାମାଜିକ ଗଣମାଧ୍ୟମ ଏକ୍ସ ମାଧ୍ୟମରେ ପୋଷ୍ଟ କରି ଫିଟ୍‌ନେସ୍ ପ୍ରୋତ୍ସାହକ ଅଙ୍କିତ ବାଇୟାନ'ପୁରିଆଙ୍କ ସହ ମିଶି ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିବା ସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଆଜି ସମଗ୍ର ଦେଶ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଥିବାବେଳେ ମୁଁ ଏବଂ ଅଙ୍କିତ ଉଭୟ ସମାନ କାର୍ଯ୍ୟ କରୁଛୁ । ସ୍ୱଚ୍ଛତା ସହିତ ଫିଟ୍‌ନେସ୍ ଉପରେ ମଧ୍ୟ ଆମେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛୁ । ଏହା ଉଭୟ ସ୍ୱଚ୍ଛତା ଏବଂ ସୁସ୍ଥ ଭାରତର ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ଆଜି ଏହି ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର, ପୂଜାସ୍ଥଳୀ, ପୁଷ୍କରିଣୀ, ରେଳପଥ ସଂଲଗ୍ନ ଅଞ୍ଚଳ ସମେତ ବିଭିନ୍ନ ବଜାର ସ୍ଥାନଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ କରିଛନ୍ତି ।

ସେହିଭଳି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଡକ୍ଟର ଜିତେନ୍ଦ୍ର ସିଂ, ହରଦୀପ ସିଂ ପୁରୀ, ମୀନାକ୍ଷୀ ଲେଖି, ରାଜୀବ ଚନ୍ଦ୍ରଶେଖରଙ୍କ ସମେତ ବିଭିନ୍ନ ନେତୃବୃନ୍ଦ ଆଜି ଜାତୀୟ ରାଜଧାନୀ ଅଞ୍ଚଳରେ ଏହି ସ୍ୱଚ୍ଛତା ଅଭିଯାନରେ ଭାଗ ନେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଷ୍କାର କରିଥିଲେ ।

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଆସନ୍ତାକାଲି ଜନ୍ମବାର୍ଷିକୀର ଅବ୍ୟବହିତ ପୂର୍ବରୁ ଆଜି ଏକ ଘଣ୍ଟା ପାଇଁ ସ୍ୱଚ୍ଛତା ନିମନ୍ତେ ଶ୍ରମଦାନ କରିବାକୁ ଶ୍ରୀ ମୋଦୀ ଜନସାଧାରଣଙ୍କୁ ନିବେଦନ କରିଥିଲେ । ସ୍ୱଚ୍ଛ ଭାରତ ଅର୍ବାନ୍‌ର ଏକ ପୋଷ୍ଟକୁ ସାମାଜିକ ଗଣମାଧ୍ୟମ ଏକ୍ସ ମାଧ୍ୟମରେ

ସେୟାର କରି ଶ୍ରୀ ମୋଦୀ,  ଅକ୍ଟୋବର ୧ ପୂର୍ବାହ୍ନ ୧୦ଟାରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱଚ୍ଛତା ଅଭିଯାନ ପାଇଁ ଏକତ୍ରୀତ ହେବା ଲାଗି ଆହ୍ୱାନ ଦେଇଥିଲେ। । ଏକ ସ୍ୱଚ୍ଛ ଭାରତ ସମସ୍ତଙ୍କ ଦାୟିତ୍ୱ ଏବଂ ପ୍ରତ୍ୟେକ ଦାୟିତ୍ୱର ମୂଲ୍ୟ ରହିଛି । ସ୍ୱଚ୍ଛ ଭବିଷ୍ୟତର ଆରମ୍ଭ ଲାଗି ଏହି ମହାନ୍ ପ୍ରୟାସରେ ସମସ୍ତ ନାଗରୀକ ସାମିଲ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ।

ଏହାଛଡ଼ା ଗତମାସରେ ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ମଧ୍ୟ ପ୍ରଧାନମନ୍ତ୍ରୀ 'ସ୍ୱଚ୍ଛତା ହିଁ ସେବା' ଅଭିଯାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ଆଜିର ଏହି ମହା ଅଭିଯାନ ଅଧୀନରେ  ଶ୍ରମଦାନ କରିବା ଲାଗି ଦେଶର ଗ୍ରାମାଞ୍ଚଳ ଓ ସହରାଞ୍ଚଳରୁ ୧ ଲକ୍ଷ ୪୦ ହଜାରରୁ ଊର୍ଦ୍ଧ୍ୱ ସ୍ଥାନକୁ ଚିହ୍ନଟ କରାଯାଇଥିଲା। ପ୍ରାୟ ୧ ଲକ୍ଷ ଘରୋଇ ଅଞ୍ଚଳରେ ଶ୍ରମଦାନ କରିବା ଲାଗି ଅନେକ ଗୁଡ଼ିଏ ଘରୋଇ କଲ୍ୟାଣ ସଂସ୍ଥା ସ୍ୱେଚ୍ଛାକୃତ ଭାବେ ସମ୍ମତି ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଭାରତୀୟ ପଦାତିକ ବାହିନୀ, ନୌସେନା ଏବଂ ବାୟୁସେନାର ଯବାନମାନେ ମଧ୍ୟ ବିଭିନ୍ନ ସ୍ଥାନରେ ସାଧାରଣ ନାଗରିକଙ୍କ ସହ ଏହି ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ।

## ପିଏମ୍-ତେଲେଙ୍ଗାନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତେଲଙ୍ଗାନାର ମହବୁବନଗର ଗସ୍ତରେ ଯିବେ । ଏହି ଅବସରରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପକୁ

ଲୋକାର୍ପଣ କରିବା ସହ ୨୧ହଜାର ୫ଶହ ୬୬କୋଟି ଟଙ୍କାର ଅନ୍ୟ କେତେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହି ପ୍ରକଳ୍ପ ଗୁଡ଼ିକ ସଡ଼କ ଏବଂ ରେଳ ଯୋଗାଯୋଗ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଶକ୍ତି କ୍ଷେତ୍ର ପାଇଁ ଉଦ୍ଦିଷ୍ଟ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ମହବୁବନଗରରେ ପହଞ୍ଚିବା ପରେ ୫୦୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ମୁନିରାବାଦ ମହବୁବନଗର ସେକ୍ସନର ଜଲ୍‌କର କ୍ରିଷ୍ଣା ଯୋଗାଯୋଗ ପଥକୁ ଲୋକାର୍ପଣ କରିବେ । ଏହି ରେଳପଥ ଦ୍ୱାରା ହାଇଦ୍ରାବାଦ ଏବଂ ଗୋଆ ମଧ୍ୟରେ ଦୂରତ୍ୱ ୧୦୨ କିଲୋମିଟର ହ୍ରାସ ପାଇବ । ସେହିଭଳି କୁଚିଗୁଡା-ରାଇଚୁର-କୁଚିଗୁଡା ଡେମୁ ଟ୍ରେନ୍ ଚଳାଚଳକୁ ମଧ୍ୟ ସେ ଶୁଭାରମ୍ଭ କରିବେ । ସୁରିଆପେଟ-ଖମ୍ମାମ ମଧ୍ୟରେ ୪ଲେନ୍ ବିଶିଷ୍ଟ ରାଜପଥକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏହି ପ୍ରକଳ୍ପ ଗୁଡ଼ିକ ପାଇଁ ୨ହଜାର ୪୫୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

ଏଥିସହ ୬ହଜାର ୪୦୦ କୋଟି ଟଙ୍କାର ବିଭିନ୍ନ ସଡ଼କ ପ୍ରକଳ୍ପ ପାଇଁ ଶ୍ରୀ ମୋଦୀ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଏସ୍‌ପିସିଏଲ୍ ଦ୍ୱାରା ୨ହଜାର ୬୬୧କୋଟି ଟଙ୍କା ବ୍ୟୟରେ ନିର୍ମିତ ହସନ୍-ଚର୍ଲାପାଲି ଏଲ୍‌ପିଜି ପାଇପ୍‌ଲାଇନ୍‌କୁ ଲୋକାର୍ପଣ କରିବେ । ଏହାଦ୍ୱାରା ୩୭ଲକ୍ଷ ଲୋକ ଏଲ୍‌ପିଜି ଗ୍ୟାସ୍ ସଂଯୋଗ ପାଇପାରିବେ । କ୍ରିଷ୍ଣାପାଟନମ୍‌ଠାରେ ମଲ୍‌ଟି ପ୍ରଡକ୍ଟ ପାଇପ୍‌ଲାଇନ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ମଧ୍ୟ ରହିଛି । ଏହି ପ୍ରକଳ୍ପ ପାଇଁ ୧ହଜାର ୯୩୨ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ସେହିଭଳି ଭର୍ଚୁଆଲ ମାଧ୍ୟମରେ ମଧ୍ୟ ବିଭିନ୍ନ ପ୍ରକଳ୍ପର ସେ

ଉଦ୍‌ଘାଟନ କରିବେ । ଆଜି ସଂଧ୍ୟାରେ ମହବୁବ ନଗରଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ ।

## ମାଲ୍‌ଦ୍ୱୀପ-ଇଲେକସନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଲଦ୍ୱୀପର ନବନିର୍ବାଚିତ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ମାଲଦ୍ୱୀପ ବହୁ ପୁରାତନ ଦ୍ୱିପକ୍ଷୀୟ ସମ୍ପର୍କକୁ ସଶକ୍ତ କରିବା ଦିଗରେ ଭାରତ ପ୍ରତିଶ୍ରୁତିବଦ୍ଧ। ଭାରତ ମହାସାଗର ଅଞ୍ଚଳରେ ଦୁଇଦେଶ ମଧ୍ୟରେ ସାମଗ୍ରୀକ ସହଯୋଗକୁ ବୃଦ୍ଧ କରିବା ଦିଗରେ ଭାରତ ସର୍ବଦା ପ୍ରସ୍ତୁତ ବୋଲି ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି।

ମାଲଦୀପ ଭାରତର 'ପଡୋଶୀ ଦେଶ ପ୍ରଥମେ' ନୀତିରେ ପ୍ରମୁଖ ସ୍ଥାନରେ ରହିଛି । ତା'ଛଡା ସାଗର ଭିଜନରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ । ମାଲଦୀପରେ ଦକ୍ଷତା ବୃଦ୍ଧି, କର୍ମଚାରୀ ମାନଙ୍କର ତାଲିମ, ଦେଶର ପ୍ରତିରକ୍ଷା କ୍ଷମତା ବୃଦ୍ଧି ଓ ଯୋଗାଯୋଗ ବୃଦ୍ଧିରେ ଭାରତ ସକ୍ରିୟ ସହାୟତା ପ୍ରଦାନ କରୁଛି । ଏହାଛଡା ଭାରତ ମାଲଦୀପର ୪୭ଟି ହାଇ ଇମ୍ପାକ୍ଟ କମ୍ୟୁନିଟି ଡେଭଲପମେଣ୍ଟ ପ୍ରୋଜେକ୍ଟ ସହ ମଧ୍ୟ ଜଡ଼ିତ ।

ଏଠାରେ ସୂଚନା ଦିଆଯାଇପାରେ, ମାଲଦ୍ୱୀପରେ ଗତକାଲି ରାଷ୍ଟ୍ରପତି ନିର୍ବାଚନ ଲାଗି ଅନୁଷ୍ଠିତ ମତଦାନରେ ଡକ୍ଟର ମୁଇଜୁ ତାଙ୍କର ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ତଥା ବର୍ତ୍ତମାନର ରାଷ୍ଟ୍ରପତି ଇବ୍ରାହିମ୍ ମହମ୍ମଦ ସୋଲିହ୍‌ଙ୍କୁ ପରାସ୍ତ କରିଛନ୍ତି । ବିରୋଧୀ ପିପିଏମ୍-ପିଏମ୍‌ସିର ପ୍ରାର୍ଥୀ ଶ୍ରୀ

ମୁଇଜୁଙ୍କୁ ୫୪ ପ୍ରତିଶତ ଭୋଟ୍ ମିଳିଥିବା ବେଳେ ଏମ୍‌ଡିପିର ଶ୍ରୀ ସୋଲିହ୍‌ଙ୍କୁ ୪୬ ପ୍ରତିଶତ ଭୋଟ୍ ମିଳିଥିଲା । ନିର୍ବାଚନ କମିଶନଙ୍କ ପକ୍ଷରୁ ୱେବ୍‌ସାଇଟ୍‌ରେ ଏହି ସୂଚନା ପ୍ରଦାନ କରାଯାଇଛି ।  ୪୫ ବର୍ଷୀୟ ଇଞ୍ଜିନିୟର ଶ୍ରୀ ମୁଇଜୁ ଦେଶର ଘରୋଇ ମନ୍ତ୍ରୀ ଭାବେ ୭ବର୍ଷ କାର୍ଯ୍ୟ କରିଛନ୍ତି ।

## ସ୍ଲୋଭାକିଆ-ଇଲେକସନ୍‌ସ

ସ୍ଲୋଭାକିଆର ପୂର୍ବତନ ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କ ନେତୃତ୍ୱାଧୀନ ଦଳ ସେଠାକାର ସଂସଦୀୟ ନିର୍ବାଚନରେ ନିର୍ବାଚିତ ହୋଇଛି । ୨୦୧୮ ମସିହାରେ ସାମ୍ବାଦିକ ଜନ୍ କୁଶିଆକ୍‌ଙ୍କ ହତ୍ୟାପରେ ଶ୍ରୀ ଫିକୋଙ୍କୁ ପ୍ରଧାନମନ୍ତ୍ରୀ ପଦ ତ୍ୟାଗ କରିବାକୁ ପଡ଼ିଥିଲା । ଦେଶରେ ପରବର୍ତ୍ତୀ ସରକାର ଗଠନ ନିମନ୍ତେ ସେ ଖୁବ୍‌ଶୀଘ୍ର ମେଣ୍ଟ ଗଠନ ଲାଗି କଥାବାର୍ତ୍ତା ଆରମ୍ଭ କରିବେ ବୋଲି ଆଶା କରାଯାଉଛି । ଫିକୋଙ୍କ ନେତୃତ୍ୱାଧୀନ ପ୍ରୋ-ମସ୍କୋ ଦଳ ସପକ୍ଷରେ ୨୪ ପ୍ରତିଶତ ମତଦାନ ହୋଇଥିବାବେଳେ ଲିବରାଲ ପ୍ରୋଗ୍ରେସିଭ ସ୍ଲୋଭାକିଆ ଦଳ ୧୭ ଏବଂ ପ୍ରୋ-ୟୁରୋପିଅ ଲାସ୍ ଦଳ ୧୫ ପ୍ରତିଶତ ଭୋଟ୍ ପାଇଥିବା ଜଣାଯାଇଛି ।

## ଏସୀଆନ୍ ଗେମ୍‌ସ

ହାଙ୍ଗ୍‌ଝୋ ଠାରେ ଚାଲିଥିବା ଏସୀୟ କ୍ରୀଡ଼ା-୨୦୨୩ର ଅଷ୍ଟମ ଦିନରେ ଭାରତ ଆଉ ଏକ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ  ହାସଲ କରିଛି । ଏଥିସହିତ ମୋଟ୍ ପଦକ ସଂଖ୍ୟା ୪୧କୁ ବୃଦ୍ଧି ପାଇଛି ।

ସେଥିମଧ୍ୟରେ ୧୧ଟି ସ୍ୱର୍ଣ୍ଣ, ୧୬ଟି ରୌପ୍ୟ ଓ ୧୪ଟି ବ୍ରୋଞ୍ଜ ଅନ୍ତର୍ଭୁକ୍ତ। ଭାରତ ବର୍ତ୍ତମାନ ପଏଣ୍ଟ ତାଲିକାର ଚତୁର୍ଥ ସ୍ଥାନରେ ରହିଛି।

ପୁରୁଷ ବନ୍ଧୁକ ଚାଳନା ବର୍ଗରେ ଭାରତକୁ ଏହି ସ୍ୱର୍ଣ୍ଣପଦକ ମିଳିଛି। ଜୋରାଭର ସିଂ ସାନ୍ଧୁ, ପୃଥ୍ୱୀରାଜ ଟଣ୍ଡାଇମାନ ଏବଂ କ୍ୟାନାନ ଡାରିୟସ୍ ଚେନାଇଙ୍କୁ ନେଇ ଗଠିତ ଭାରତୀୟ ଦଳ ଏହି ବର୍ଗରେ ୩୬୧ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣପଦକ ପାଇଛନ୍ତି। ଏହାଛଡ଼ା ମନୀଷା କିର୍, ପ୍ରୀତି ରଜକ ଏବଂ ରାଜେଶ୍ୱରୀ କୁମାରୀଙ୍କୁ ନେଇ ଗଠିତ ଭାରତୀୟ ମହିଳା ଟ୍ରାପ୍ ଟିମ୍‌କୁ ରୌପ୍ୟ ପଦକ ମିଳିଛି। ତେବେ ଏକକ ମହିଳା ଟ୍ରାପ୍ ବର୍ଗରେ କେବଳ ମନୀଷା କିର୍ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ସେହିଭଳି ଏକକ ମହିଳା ଗଲ୍‌ଫ ବର୍ଗରେ ଆଦିତି ଅଶୋକ ମଧ୍ୟ ରୌପ୍ୟ ପଦକ ହାସଲ କରିଛନ୍ତି। ଅନ୍ୟପକ୍ଷରେ ମହିଳା ୨୦୦ ମିଟର ଫାଇନାଲରେ ଜ୍ୟୋତି ୟାରାଜୀ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ପୁରୁଷ ୨୦୦ ମିଟର ବର୍ଗରେ ଅମ୍ଲାନ ବୋର୍ଗୋହାଇଁ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି।

ଆଜି ଭାରତ ତେଜିନ୍ଦର ପାଲ ସିଂ ତୁର ଏବଂ ସାହିବ ସିଂ ପୁରୁଷ ସଟ୍‌ପୁଟ୍ ପୋଡିୟମ୍ ବର୍ଗର ପରବର୍ତ୍ତୀ ପର୍ଯ୍ୟାୟରେ ମୁକାବିଲା କରିବେ। ସେହିଭଳି ଭାରତୀୟ ପୁରୁଷ ବ୍ୟାଡମିଣ୍ଟନ ଦଳ ଆଜି ଫାଇନାଲରେ ପୂର୍ବବର୍ଷ ଚମ୍ପିଆନ ଚୀନ୍‌କୁ ଭେଟିବ। ଏହାଛଡ଼ା ଭାରତୀୟ ମହିଳା ହକି ଦଳ ଏବଂ ସାଉଥ କୋରିଆ ମଧ୍ୟରେ ସହିତ ପରବର୍ତ୍ତୀ ପର୍ଯ୍ୟାୟ ଲାଗି ଆଜି ମଧ୍ୟ ମୁକାବିଲା ହେବ।

# କ୍ରିକେଟ୍

ଆସନ୍ତା ୫ ତାରିଖରୁ ଆରମ୍ଭ ହେବାକୁ ଥିବା ପୁରୁଷ ବିଶ୍ୱକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ଦଳ ଏବେ ବିଭିନ୍ନ ଷ୍ଟାଡିୟମ୍‌ରେ ୱାର୍ମଅପ୍ ମ୍ୟାଚ୍ ଖେଳୁଛନ୍ତି। ଆସନ୍ତାକାଲି ଇଂଲଣ୍ଡ ଗୌହାଟୀ ଠାରେ ବାଂଲାଦେଶ ବିପକ୍ଷରେ ଅନୁରୂପ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ତେବେ ଭାରତ-ଇଂଲଣ୍ଡ ମଧ୍ୟରେ ଗତକାଲି ଗୌହାଟୀରେ ଅନୁଷ୍ଠିତ ହେବାକୁ ଥିବା ୱାର୍ମଅପ୍ ମ୍ୟାଚ୍‌ଟି ବର୍ଷା ଯୋଗୁଁ ସମ୍ଭବ ହୋଇପାରିନାହିଁ। ବିଳମ୍ବରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ତେବେ ବର୍ଷା ଜାରି ରହିବାରୁ ସ୍ଥାନୀୟ ସମୟ ସଂଧ୍ୟା ୬ଟା ବେଳେ ମ୍ୟାଚ୍ ଖେଳାଯାଇପାରିବ ନାହିଁ ବୋଲି ରେଫ୍‌ରୀ ନିଷ୍ପତ୍ତି ନେଇଥିଲେ । ସେହିପରି ଭାରତ ଆସନ୍ତା ମଙ୍ଗଳବାର ଦିନ ପରବର୍ତ୍ତୀ ୱାର୍ମଅପ୍ ମ୍ୟାଚ୍ ନେଦରଲାଣ୍ଡ ବିପକ୍ଷରେ ଖେଳିବ ବୋଲି ଜଣାପଡ଼ିଛି।

# ୨ହଜାର ଟଙ୍କିଆ ନୋଟ୍ ଅବଧି

ଭାରତୀୟ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ୨ହଜାର ଟଙ୍କିଆ ନୋଟ୍ ବଦଳ ଅବଧିକୁ ଆଉ ଏକ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଗତକାଲି ଶେଷ ହେବାକୁ ଥିବା ଏହି ବଦଳି ଅବଧି ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଆର୍.ବି.ଆଇ ପକ୍ଷରୁ ଏକ ବିଜ୍ଞପ୍ତିରେ ଏହାକୁ ସ୍ପଷ୍ଟ କରାଯାଇଛି । ଆସନ୍ତା ୭ ତାରିଖ ମଧ୍ୟରେ ୨ହଜାର ଟଙ୍କିଆ ନୋଟ୍‌କୁ

ବ୍ୟାଙ୍କ ମାଧ୍ୟମରେ ବଦଳି କିମ୍ବା ଜମା କରାଯାଇପାରିବ । ଆର୍.ବି.ଆଇ କହିଛି ଗତ ୨୯ତାରିଖ ମଧ୍ୟରେ ବ୍ୟାଙ୍କକୁ ୩ଲକ୍ଷ ୪୨ହଜାର କୋଟି ମୂଲ୍ୟର ୨ହଜାର ଟଙ୍କିଆ ନୋଟ୍ ଫେରିଆସିଛି । ଏବେମଧ୍ୟ ଶୂନ୍ ଦଶମିକ ୧/୪ ଲକ୍ଷ କୋଟି ମୂଲ୍ୟର ୨ହଜାର ଟଙ୍କିଆ ନୋଟ୍ ବଜାରରେ ଉପଲବ୍ଧ ରହିଛି । ଏହାକୁ ଦୃଷ୍ଟିରେ ରଖି ଆର୍.ବି.ଆଇ ପକ୍ଷରୁ ଏହି ସମୟସୀମା ବୃଦ୍ଧି କରାଯାଇଛି ।

## ସିବିଡିଟି-ଚେୟାର୍‌ମ୍ୟାନ୍

କେନ୍ଦ୍ର ସରକାର କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ ଚେୟାର୍‌ମ୍ୟାନ୍ ନୀତିନ ଗୁପ୍ତାଙ୍କ କାର୍ଯ୍ୟକାଳକୁ ୨୦୨୪ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିଛନ୍ତି । ଏ ବାବଦରେ ଏକ ବିଜ୍ଞପ୍ତି ଜାରି କରାଯାଇଛି । ଶ୍ରୀ ଗୁପ୍ତା ଅବସର ନେବା ଦିନ ତାଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ କରାଯାଇଛି । କେନ୍ଦ୍ରର ବିଜ୍ଞପ୍ତି ଅନୁସାରେ ଠିକା ଭିତ୍ତିରେ ତାଙ୍କ ଚାକିରୀର ସମ୍ପ୍ରସାରଣ କରାଯାଇଛି । ଏକ ସରକାରୀ ନିର୍ଦ୍ଦେଶରେ କୁହାଯାଇଛି, କ୍ୟାବିନେଟ୍‌ର ନିଯୁକ୍ତି କମିଟି ଶ୍ରୀ ଗୁପ୍ତାଙ୍କୁ ସି.ବି.ଡି.ଟି.ର ଚେୟାର୍‌ମ୍ୟାନ୍ ଭାବେ ପୁନଃନିଯୁକ୍ତ କରିଛି । ଶ୍ରୀ ଗୁପ୍ତା ହେଉଛନ୍ତି ୧୯୮୬ ବ୍ୟାଚ୍ ଭାରତୀୟ ରାଜସ୍ୱ ସେବା ଅଧିକାରୀ । ୨୦୨୨ ଜୁନ୍ ମାସରେ ସେ ସି.ବି.ଡି.ଟି.ରେ ନିଯୁକ୍ତ ହୋଇଥିଲେ ।